







# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ କରିଥାଏ ଗଣମାଧ୍ୟମ

ଖୋର୍ଦ୍ଧା (ପିଏନ୍): ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ ଓ ସୁରକ୍ଷିତ କରି ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି "ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ" ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରି 'ମାର୍ଗଦର୍ଶୀ'ର ସମ୍ପାଦକ ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ପ୍ରତିଷ୍ଠାତା ରାମଶଙ୍କର ତାଙ୍କ ସ୍ୱାଗତ ଭାଷଣରେ ଆଲୋଚନାର ବିଷୟ ବସ୍ତୁ 'ଗଣମାଧ୍ୟମରେ ପ୍ରକାଶିତ ଜନସମସ୍ୟାର ଜନସାଧାରଣ, ସରକାର, ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୁର କାର୍ଯ୍ୟକାରୀ ହେବାସହ ଜନସମାସ୍ୟାର ସମାଧାନ ହେଉଛି ବୋଲି ଏକ ମାର୍ମିକ ପ୍ରଶ୍ନ ରଖିଥିଲେ। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ବି.ଡି.ଏ.ର ପ୍ରାକ୍ତନ କମିଶନର ଦେବରାଜ ସେନାପତି ନିଜର ବକ୍ତବ୍ୟରେ କହିଥିଲେ ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ନିଶ୍ଚୟ ପଡୁଛି ମାତ୍ର ତାହା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଡକ୍ଟର ନାରାୟଣ ରାଓ ନିଜ ବକ୍ତବ୍ୟରେ କହିଥିଲେ ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ସରକାରଙ୍କର ଅପାରଗତା ଓ ଜନପ୍ରତିନିଧିମାନଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ମାନଙ୍କର ସରକାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଆଜି ଗଣମାଧ୍ୟମ ବିପନ୍ନ। ଏହି ଆଲୋଚନାଚକ୍ରରେ 'ସମାଜ' ପ୍ରତିନିଧି ରାମନାରାୟଣ ଦାଶ କହିଥିଲେ ଆଜି ଖବରକାଗଜ ବିଜ୍ଞାପନସର୍ବସ୍ୱ ହୋଇଯାଇଛି। ଏହାସତ୍ତ୍ୱେ ଗଣମାଧ୍ୟମରେ ପ୍ରସାରିତ ସକାରାତ୍ମକ ଖବରର ପ୍ରଭାବ ନିଶ୍ଚୟ ରହିଛି। ନାଚୁଣୀର ସମ୍ବାଦ ପ୍ରତିନିଧି ପ୍ରଦୋଶ ଦାସ କହିଥିଲେ ସକାରାତ୍ମକ ଖବର ପରିବେଷଣ ପାଇଁ ପ୍ରତ୍ୟେକ ସାମ୍ବାଦିକ ଯତ୍ନବାନ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର ମାନସିଂ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା , ବରିଷ୍ଠ ନାଗରିକ ମଂଚର ଉପସଭାପତି ବୈକୁଂଠ ମହାପାତ୍ର, ସାମ୍ବାଦିକ ଦିଲ୍ଲିପ ପଟ୍ଟନାୟକ, ଡିଏସଓର ସମ୍ପାଦକ ଜୟନ୍ତ ମହାନ୍ତି, ଅଧିବକ୍ତା ବସନ୍ତ ଦାସ, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ରାମଶଙ୍କର ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଖୋରଧାବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦାବୀରେ ଜନତାଙ୍କ ସ୍ୱର ଉତ୍ତୋଳନ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ବକେୟା ରାସନ ସାମଗ୍ରୀ ଦେବାକୁ ଦାବି




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଏଣ୍ଡଳବା ପଞ୍ଚାୟତ ପାଟପୁର ଗାଁର ୪ ପରିବାରକୁ ବକେୟା ରାସନ ସାମଗ୍ରୀ ଦେବାକୁ ଦାବି ହୋଇଛି । ରାଜୀବ ଚରଣ ବେହେରା, ଘନଶ୍ୟାମ ବେହେରା, ବାଲୁଙ୍କେଶ୍ୱର ପ୍ରଧାନ ଓ କଣ୍ଢେଇ ବେହେରା ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ପାଟପୁର ଗାଁର ରାଜୀବଙ୍କ ପତ୍ନୀ କନକ ବେହେରାଙ୍କ ନାଁରେ ଥିବା ରାସନ କାର୍ଡ଼ରେ ତାଙ୍କ ପରିବାରର ୪ ଜଣଙ୍କୁ ରାସନ ସାମଗ୍ରୀ ମିଳୁଥିଲା । ତେବେ ରାଜନୈତିକ ଆକ୍ରୋଶରୁ ୨୦୧୭ ଅଗଷ୍ଟ ମାସରୁ ସେମାନଙ୍କ ରାସନ ହଠାତ୍ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ବାଦବିବାଦ ଓ କୋର୍ଟରେ ମାମଲା ହେବାପରେ ୨୦୧୮ ଜୁଲାଇ ମାସରେ ଏହି ପରିବାରକୁ ପୁଣି ରାସନ ସାମଗ୍ରୀ ଦିଆ ଯାଇଥିଲା । ଏହି ସମୟ ମଧ୍ୟରେ କନକଙ୍କ ପରିବାର ୧୧ ମାସର ରାସନ ପାଇନଥିଲେ । ଏହା ସତ୍ତ୍ୱେ ୨୦୧୯ ନଭେମ୍ବର ମାସରେ ଉକ୍ତ ପରିବାରର ରାସନ ପୁଣି ବନ୍ଦ ହୋଇଗଲା । ୧୫ ମାସ ରାସନ ପାଇବା ପରେ ପୁନର୍ବାର ବନ୍ଦ ହୋଇଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ ହିତାଧିକାରୀ କନକଙ୍କ ପରିବାର । ଖୋଳତାଡ଼ ହେବାପରେ ୨୦୨୦ ମଇ ମାସରେ ପୁଣି ରାସନ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଆଉ ୬ ମାସର ରାସନ ମିଳିନଥିଲା । ଦୁଇଟି ପର୍ଯ୍ୟାୟରେ ୧୭ ମାସର ରାସନ ମିଳିନଥିଲା କନକଙ୍କ ପରିବାରକୁ । ଏ ନେଇ କନକଙ୍କ ସ୍ୱାମୀ, ଦୁଇପୁଅ ବିଷ୍ଣୁ ଓ ଆନନ୍ଦ ବାରମ୍ବାର ଡିଲର, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୋଗାଣ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲା ରାସନ ସାମଗ୍ରୀ ମିଳୁନାହିଁ । ସେହିପରି ଏହି ଗ୍ରାମର ରୁଲତା ବେହେରାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ୧୩ ମାସର ରାସନ ମିଳିନଥିବା ତାଙ୍କ ସ୍ୱାମୀ ଘନଶ୍ୟାମ ଅଭିଯୋଗ କରିଛନ୍ତି । ଏଥିସହ ନୀଳେନ୍ଦ୍ର ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ୬ ମାସର ରାସନ ପାଇ ନଥିବା ତାଙ୍କ ସ୍ୱାମୀ ବାଲୁଙ୍କେଶ୍ୱର ସୂଚନା ଦେଇଛନ୍ତି । ସେମିତି କଣ୍ଢେଇ ବେହେରାଙ୍କ ପରିବାରର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ରାସନ ସାମଗ୍ରୀ ୨୦୧୯ରୁ ବନ୍ଦ ହୋଇ ଯାଇଥିବା କୁହାଯାଇଛି । ତୁରନ୍ତ ସଂପୃକ୍ତ ୪ ପରିବାରକୁ ବକେୟା ରାସନ ସାମଗ୍ରୀ ପ୍ରଦାନ କରିବାକୁ ନୂତନ ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ବାଲେଶ୍ୱର (ପିଏନ୍)-ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୁପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଏହି ଦିନକୁ ସେବା ଦିବସ ରୂପେ ପାଳନ କରାଯାଇଛି। ସକାଳ ୭ ଘଟିକାରେ ଝାଡ଼େଶ୍ୱର ମନ୍ଦିରରେ ୧୦୮ ଜଳାଭିଷେକ କରାଯାଇ ନବୀନବାବୁଙ୍କ ପାଇଁ ସାମୂହିକ ପୂଜାର୍ଚ୍ଚନା କରାଯିବା ପରେ କଚେରୀ ହତାକୁ ବିଜୁ ଜନତା ଦଳର କର୍ମୀ ମାନେ ସଫେଇ କରିଥିଲେ। ଏହାପରେ ମିସନ ପଡ଼ିଆରେ ଥିବା ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିସହିତ ରେମୁଣା ଗୋଲାଇ ସ୍ଥିତ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରାଯିବା ସହ ବାଲେଶ୍ୱର ରାଣୀପାଟଣାରେ ଥିବା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଅନ୍ତେବାସୀଙ୍କ ସହ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ କେକ୍ କାଟି ପାଳନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାପରେ ସୁନହଟରେ ଥିବା ଭୁଜାଖିଆ ପୀରବାବା ଏବଂ କେଥଲିକ ଚର୍ଚ୍ଚରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଦର ବିଧାୟକଙ୍କ ସହ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ବରିଷ୍ଠ ନେତା ରଂଜନ ବାଗ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗଉରୀ ରାଉତ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ସୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ବରିଷ୍ଠ ନେତା ଯଯାତୀ ଦାସ, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀରାଜ ବାନୋ, ପ୍ରତିଲତା ସେଠୀ, ରାଧାକୃଷ୍ଣ ଦାସ, ସନ୍ଧ୍ୟାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶନୀ, ଶଶିରେଖା ମହାନ୍ତି, ସେକ୍ ଆୟୁବ, ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର, ସାକିର ଖାନ୍, ସଞ୍ଜୟ ବେହେରା, ସେକ୍ ରାଜୁ, ଧନଞ୍ଜୟ ଜେନା, ଜୋନାଲ ଯୁବ ସାଧାରଣ ସଂପାଦକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡ଼ି ଓ ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର (ପିଏନ୍): ୱାର୍ଡ ସଭ୍ୟା/ସଭ୍ୟମାନେ ହେଉଛନ୍ତି ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି । ସେମାନଙ୍କର ସକ୍ରିୟ ଯୋଗଦାନ ଯୋଗୁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ । ୱାର୍ଡ/ସଭ୍ୟା/ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟ କରି ରାଜ୍ୟ ଗ୍ରାମଉନ୍ନୟନ, ପଂଚାୟତିରାଜ, ଜିଲ୍ଲାପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦୁରିଆ ଗ୍ରାମପଂଚାୟତର ୪୩ ଜଣ ସଭ୍ୟ/ସଭ୍ୟା ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଂଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ । ପଲ୍ଲିଶ୍ରୀର ସମ୍ପାଦକ ଶତ୍ରୁଘ୍ନ ସାହୁ, ସଂଯୋଜକ ଅଭିଷେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ପର୍ଯ୍ୟାୟକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ୬୩୭ ୱାର୍ଡସଭ୍ୟ/ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ବାଇଶି ପାହାଚେ ପିଣ୍ଡଦାନର ତାତ୍ପର୍ଯ୍ୟ

ବାଇଶି ପାହାଚ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାରସ୍ଥ ମୂଳଶାଳାର ମେଘନାଦ ପାଚେରୀ ଠାରୁ ଦ୍ୱିତୀୟ ବେଢ଼ା ଅର୍ଥାତ୍ କୁର୍ମବେଢ଼ାଯାଏଁ ପାହାଚ ଶ୍ରେଣୀକୁ ବୁଝାଏ। ବାସ୍ତବିକ୍ ଏମିତି ଗଣନାରେ ପୂର୍ବରୁ ପଶ୍ଚିମକୁ କୁର୍ମ ବେଢ଼ାଯାଏ ମାତ୍ର କୋଡ଼ିଏ ଗୋଟି ପାହାଚ ଅଛି। ବାକି ଦୁଇଟି ପାହାଚରୁ ଗୋଟିଏ ପାହାଚ ଆନନ୍ଦ ବଜାରକୁ ଏବଂ ଅନ୍ୟଟି ରୋଷେଇ ଶାଳକୁ। ଏମିତିରେ ଏମାନେ ବାଇଶି ॥

କେତେକ ମତ ସାବ୍ୟସ୍ତ କରନ୍ତି ଯେ ମୂଳମନ୍ଦିରର କୂର୍ମବେଢ଼ାରେ ବାହାରେ ଥିବାରୁ ଏହାର ନାମଥିଲା ବହିଃସ୍ଥ ପାବଛ। ଏହାପରେ ଅପଭ୍ରଂଶ ହୋଇ 'ବହିଃସ୍ଥରୁ ବାଇଶି ଓ ପାବଛରୁ ପାହାଚ' ହୋଇଛି। ଯେଉଁମାନେ ଯୁକ୍ତି ଦର୍ଶାଇ କୁହନ୍ତି ଯେ ଏହା ମିଥ୍ୟା ବାଇଶି ହିଁ ସତ୍ୟ, ସେମାନେ କୁହନ୍ତି ଯେ କେତେକ ବିଷୟବସ୍ତୁକୁ ଆଧାରକରି ଏହା ବାଇଶି। ଯେମିତି ୨୨ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନେଇ ଏହା ବାଇଶି ଯଥା - ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କ୍ରାନ୍ତି, ବୃତ୍ତି, ସ୍ଥିତି, ଦୟା, ତୁଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା ଇତ୍ୟାଦି ସମାହାରର ପ୍ରତୀକ ବାଇଶି। ଆଉ କାହା ମତରେ ଏହା ଚୁତର୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାରକୁ ପ୍ରତିନିଧିତ୍ୱ କରନ୍ତି; ଆଉ କେହି କୁହନ୍ତି ଯେ ଏହା ଭାଗବତର ଦ୍ୱାଦଶ ସ୍କନ୍ଦ ସହ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀଙ୍କ ସମାହାରର ପ୍ରତୀକ; କେହିବି ଯୁକ୍ତି ରଖନ୍ତି ଯେ ଏହା ପଞ୍ଚରନ୍, ଅଷ୍ଟସାତ୍ତ୍ୱିକ ଭାବ, ତ୍ରୀବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ଅଟନ୍ତି; ପୁନଶ୍ଚ ଯୁକ୍ତି ଯେ କୃଷ୍ଣଚନ୍ଦ୍ର ସୁଆରଶ୍ରେଣୀ ୨୨ହେତୁ ତାଙ୍କୁ ପ୍ରତିନିଧିତ୍ୱ କରେ ୨୨ ପାହାଚ; ଏମିତିରେ ୨୨ଟି ବଡ଼ ଯଥା ବଡ଼ ଦେଉଳ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଭୋଗ (ମହାପ୍ରସାଦ), ବଡ଼ ପାବଛ ଇତ୍ୟାଦିକୁ ନେଇ ୨୨ ପାହାଚ ପ୍ରତିନିଧିତ୍ୱକୁ ବୁଝାନ୍ତି। ତେବେ ବହିଃସ୍ଥ ପାବଛ ହେଉ ବା ବାଇଶିପାହାଚ ହେଉ, ଯିଏ ଯେମିତି ସିଦ୍ଧାନ୍ତ ଟାଣିବାକୁ ଚେଷ୍ଟା କରିଛି, ତାହା ଠିକ୍ ହେଉ ବା ଭୁଲ ଥାଉ ଏବେକୁ ଏହା ବାଇଶି ପାହାଚ ଠିକ୍।

ଶ୍ରୀକ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ଏ ପାହାଚଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ। ଏସ୍ଥାନ ପାବନ - ପବତ୍ରର ପ୍ରତୀକ, କାରଣ ଏଇଠି ଅଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟ ବୈକୁଣ୍ଠ। ଏହା ମହତ୍ତ୍ୱ ବ୍ୟାଖ୍ୟାନ କରିବାକୁ ଯାଇ ବଳରାମ ଦାସ ଗୁପ୍ତ ଗୀତାରେ ଲେଖିଛନ୍ତି:

*"ବାଇଶି ପାବଛେ ବୀର, ରହସ୍ୟ ସ୍ଥଳ ନାମତାର।*



*ଏହାଯେ ବାଇଶି ପାବଛ, ଅଠର କୋଟି ଶିବ ଲୋକ।*
*ରହିଅଛନ୍ତି ପୃଷ୍ଠ ଭାଗେ, ତାଙ୍କୁ କହିବି ତୋର ଆଗେ॥"*

ଏହା ଏକ ପବିତ୍ର ସ୍ଥାନ ନିଶ୍ଚୟ କାରଣ ଏହାରି ଉପର ଦେଇ ଜୀଉମାନଙ୍କର ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ପହଣ୍ଡି ବେଳେ ପଦସ୍ପର୍ଶ ହୁଏ। ଏହି ସମୟରେ ଏହାର ଉପରେ ଉପସ୍ଥିତ ହୋଇ ସର୍ବ ଦେବାଦେବୀମାନେ ଏ ଦୃଶ୍ୟ ଅବଲୋକନ କରନ୍ତି। ପୁନଶ୍ଚ ଏହାର ଚତୁଃପାର୍ଶ୍ୱରେ ବହୁ ଦେବଦେବୀମାନଙ୍କର ବିଜେ ହୋଇଛି। ମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲାବେଳେ ୩ୟ ପାହାଚର ବାମପଟେ ବିଜେ କରିଛନ୍ତି ଶ୍ରୀ କାଶୀବିଶ୍ୱନାଥ। କାହାଣୀ କୁହେ ଏକଦା ଏକ ବୃଦ୍ଧା କୁମ୍ଭାରୁଣୀ କାଶୀ ଯାଇ ଗଙ୍ଗାସ୍ନାନ କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଅଭିଳାଷ ପୋଷଣ କରନ୍ତେ ଶ୍ରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ସେହି ବାଇଶି ପାହାଚର ୩ୟ ପାହାଚରେ ଆସନ୍ତାକାଲି ଉପବେଶନ ଥିବା ସନ୍ନ୍ୟାସୀଙ୍କ ଠାରୁ ପ୍ରସାଦ ପାଉ। ସେଠି ଥିବା କାଶୀ ବିଶ୍ୱନାଥ ଚରଣାମୃତ ପାଉ। ତାର ଗଙ୍ଗାଯିବା ଦରକାର ନାହିଁ। ଗଙ୍ଗାତ ବିଷ୍ଣୁଙ୍କ ଚରଣରୁ ସୃଷ୍ଟି। ସେ ଏଇଠି ଅଛନ୍ତି। ଶ୍ରୀ ଜଗନ୍ନାଥ ବ୍ରାହ୍ମଣ ସନ୍ୟାସ ବେଶରେ ସେଠି ତା' ପରଦିନ ଉପସ୍ଥିତ ଥିଲେ। ସେ ବୃଦ୍ଧା ତାଙ୍କୁ ଦର୍ଶନ କଲା ଓ ତାଙ୍କଠୁ ପ୍ରସାଦପାଇ ଗଙ୍ଗାସ୍ନାନ ଓ କାଶୀ ବିଶ୍ୱନାଥଙ୍କର ଦର୍ଶନର ଫଳ ପାଇଲା। ଶାସ୍ତ୍ରମତେ : ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଦ୍ୱିତୀୟ କାରଣଟି ହେଲା ଶ୍ରୀ କାଶୀବିଶ୍ୱନାଥ କାଶୀର ରାଜା ତ୍ରିବିକ୍ରମଦେବଙ୍କୁ ବର ଦେଇଥିବାରୁ ସେ ନିଜକୁ ବାସୁଦେବ ଶ୍ରୀକୃଷ୍ଣ ବୋଲି ପରିଚିତ କରାଇଥିଲେ। ଏଥିରେ ସ୍ୱଂୟ ଭଗବାନ ଶ୍ରୀକୃଷ୍ଣ କ୍ରୁଧ ହୋଇ ରାଜା ତ୍ରିବିକ୍ରମର ଶିର ସୁଦର୍ଶନ ଚକ୍ର ପଠାଇ ଛେଦନ କରିଥିଲେ ଏବଂ କାଶୀ ବିଶ୍ୱନାଥ ତାକୁ ଏ ବର ଦେଇଥିବାରୁ ତାଙ୍କୁ ଏକ ଅଭିଷାପ ସ୍ୱରୂପ ମନ୍ଦିରର ଭିତର ପ୍ରାଙ୍ଗଣେ ସ୍ଥାନ ନଦେଇ ବାଇଶି ପାହାଚରେ ପାର୍ଶ୍ୱ ଦେବତାଭାବେ ସ୍ଥାନ ଦେଇଥିଲେ। ଶାସ୍ତ୍ରରେ ଲେଖାଅଛି: ***"ନୀଳାଚଳେ ରହିବି ମୁଁ ଦାରୁରୂପ ଧରି/ବାଇଶି ପାହାଚ ତଳେ ଆସନ ତୁମ୍ଭରି॥"*** ସହଜେ ଶ୍ରୀ ଲୋକନାଥ / ଶ୍ରୀ ବିଶ୍ୱନାଥ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ହେତୁ ଏବଂ ବାଇଶି ପାହାଚତଳେ ରତ୍ନଭଣ୍ଡାର ରହିଛି ବୋଲି କେଉଁଠି ତାଙ୍କୁ ସ୍ଥାନ ସେଇଠି ରହିଛି। ସେମିତି ରାମ ସୀତାଙ୍କ ଠାରୁ ଆରମ୍ଭକରି ବାଇଶି ପାହାଚ ପାର୍ଶ୍ୱରେ ଯେତେ ଦେବତା ଅଛନ୍ତି, ସମସ୍ତେ କିଛିନା କିଛି କାହାଣୀ ସହିତ ସମ୍ବନ୍ଧିତ।

ଏ ବାଇଶି ପାହାଚର ଦୈର୍ଘ୍ୟ ପ୍ରସ୍ଥ ଏବଂ ଉଚ୍ଚତା ସର୍ବତ୍ର ସମାନ ନୁହେଁ। ଏହାର ସର୍ବାଧିକ ପ୍ରସ୍ଥ ୧୫ଫୁଟ। ଉଚ୍ଚତା ୩ଇଞ୍ଚରୁ ସାତଇଞ୍ଚ ମଧରେ।

ଶ୍ରୀ ଜୀଉମାନଙ୍କ ବ୍ୟତୀତ ବାଇଶିପାବଛ କେତେ କେତେ ଭକ୍ତ, ସାଧୁ, ସନ୍ଥ ଏବଂ ବିଭିନ୍ନ ସମୟରେ ଋଷିମାନଙ୍କ ପଦସ୍ପର୍ଶରେ ପବିତ୍ର। ଏଣୁ କାରଣରୁ ମନ୍ଦିର ପ୍ରବେଶ ବେଳେ ଏହାର ସ୍ପର୍ଶରେ ପାପୀମାନେ ପ୍ରଥମେ ପାପ ରହିତ ହୁଅନ୍ତି। ତାପରେ କରନ୍ତି ଶ୍ରୀ ଜିଉମାନଙ୍କ ଦର୍ଶନ। ଶୁଣାଯାଏ ନିଃସନ୍ତନୀମାନେ ସନ୍ତାନ କାମନାକରି ବାଇଶି ପାହାଚରେ ଯାଚଞ୍ଚା କରିଥାଆନ୍ତି ଏବଂ ସନ୍ତାନ ପ୍ରାପ୍ତି ପରେ ସେ ସନ୍ତାନଙ୍କୁ ବାଇଶ ପାହାଚରେ ତା' ମଙ୍ଗଳମନାସୀ ଗଡ଼ାଇ ଆଣିଥାନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟମାନେ ସନ୍ତାନଙ୍କ ଶୁଭ ମନାସୀ ତାହାହିଁ କରିଥାଆନ୍ତି।

ଏକଥା ପୂର୍ବରୁ କହିଛୁ ଯେ ବାଇଶି ପାବଛରେ ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଏବଂ ଅଷ୍ଟବୈକୁଣ୍ଠ ଅଛି। ଏଠାରେ ପିତୃଲୋକ ଥିବା କାରଣରୁ ଏ ବାଇଶି ପାହାଚରେ ପିଣ୍ଡଦାନ, ଅନ୍ନଦାନ ଓ ବସ୍ତ୍ରଦାନ ଇତ୍ୟାଦି ପିତୃପୁରୁଷଙ୍କୁ ଦେଲେ ସେମାନେ ଏହା ପାଆନ୍ତି। ଶ୍ରାଦ୍ଧ ଦେଉଥିବା କର୍ତ୍ତାର ବି ମହାପୂଣ୍ୟ ହୁଏ। ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କାରଣରୁ ଶ୍ରାଦ୍ଧ ଏବଂ ତୃପ୍ତିଦାନ କରୁଥିବାରୁ ତର୍ପଣ କୁହାଯାଏ।

ହିନ୍ଦୁମାନଙ୍କର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ଶ୍ରାଦ୍ଧ ଏକ ବୈଦିକ କର୍ମ। ଏହା ଏକ ବୈଦିକକର୍ମ ବୋଲି ସ୍ୱୀକାର କରି ଗୋପବନ୍ଧୁ ଦାସ ଲେଖିଛନ୍ତି :

*"ଆସୁଅଛି ପିତୃପକ୍ଷ କରୁଛି ତର୍ପଣ*
*ମନ୍ତ୍ରପାଠ ତଳେଦଳେ କରେ ସମର୍ପଣ*
*ପିତୃ ପିତାମହଗଣ ବୈଦିକ ବିଧାନେ*
*ଦେବଗଣେ, ଋଷିଗଣେ ପୂଜେ ଜଳଦାନେ।"*

ବେଦମତେ ପିତା-ମାତା ଏବଂ ପିତୃପୁରୁଷଗଣ ହେଉଛି ପ୍ରକୃତ ଦେବଦେବୀ। ଏଣୁ ଇହଲୋକରେ ତାଙ୍କୁ ସେବା ଓ ଶ୍ରଦ୍ଧା ଦ୍ୱାରା ଶାନ୍ତି ଓ ପରଲୋକାଗତ ହେଲେ ତାଙ୍କ ତୃପ୍ତି ଓ ମୋକ୍ଷପାଇଁ ସନ୍ତାନମାନେ ଶ୍ରାଦ୍ଧ-ତର୍ପଣ-ପିଣ୍ଡଦାନ ଇତ୍ୟାଦି କର୍ମ କରିବା ଉଚିତ୍।

ଶ୍ରାଦ୍ଧ ଦିଆଯାଏ କାହାକୁ? ସ୍ମୃତି ସଂହିତାନୁସାରେ ସାଧାରଣତଃ ଶ୍ରାଦ୍ଧ ସ୍ୱର୍ଗତ ପିତା-ମାତାଙ୍କ ଉଦ୍ଦେଶ୍ୟରେ ଦିଆଯାଏ। ଏ ଶ୍ରାଦ୍ଧ ତିଥିଅନୁଯାୟୀ ଦିନିକିଆ ବା ବର୍ଷିକିଆ ହୋଇପାରେ; କିନ୍ତୁ ମହାଳୟା ଶ୍ରାଦ୍ଧ ଆଶ୍ୱିନ କୃଷ୍ଣପକ୍ଷ/ପିତୃପକ୍ଷରେ ଯେ କୌଣସି ବ୍ୟକ୍ତି ଯେ କୌଣସି ତିଥିରେ, ତା' ପୁରୁଷର ତିଥି ନକ୍ଷେତ୍ରକୁ ନବିଚାରି, ଯେ କୌଣସି ଦିନରେ ଦେଇଥାଏ। ମହାଳୟା ଶ୍ରାଦ୍ଧ ସାତପୁରୁଷରଶ୍ରାଦ୍ଧ ଦେଇଥାଏ। ତିନି ପିତୃ ପୁରୁଷ : ପିତା, ପିତାମହ ଓ ପ୍ରପିତାମହ ଏବଂ




ଅନୁରୂପ ତିନି ମାତୃପୁରୁଷ। ମାତୃ ପୁରୁଷରେ ମଉଳାକୂଳ ସଂପୃକ୍ତ ଥିବାରୁ ମହାଳୟା ଶ୍ରାଦ୍ଧାର ଅନ୍ୟନାମ ମଉଳା ଶ୍ରାଦ୍ଧ ଏବଂ ମହାଳୟା। ଅମାବାସ୍ୟାର ନାମ ମଉଳା ଅମାବାସ୍ୟା। ଏ ଛ' ପୁରୁଷ ବାଦେ ଆଉ ଏକ ଲୁପ୍ତ ପୁରୁଷଙ୍କୁ ଦିଆଯାଏ। ସେ ହେଉଛନ୍ତି ସେହି ସ୍ୱର୍ଗତ ବ୍ୟକ୍ତି ଯାହାକୁ ଶ୍ରାଦ୍ଧ ଦେବାପାଇଁ କେହି ନଥାଏ। ଇଏ କୌଣସି ବଂଶୀୟ, ସଂପର୍କିତ ବା ପରିଚିତ ବା ଅପରିଚିତ ବ୍ୟକ୍ତି ହୋଇ ଥାଇପାରନ୍ତି। ଏତଦ୍ ଭିନ୍ନ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ ଓ ଛନ୍ଦ ଇତ୍ୟାଦିଙ୍କୁ ଶ୍ରାଦ୍ଧ ଦିଆଯାଏ। ଶ୍ରାଦ୍ଧରେ ଜଳ, ତିଳ ଓ ପିଣ୍ଡଦାନ କରାଯାଏ। ଏହାକୁ ପ୍ରାପ୍ତ ହେଲେ ପରାଗତ ଆତ୍ମା ମୁକ୍ତିଲାଭ କରିଥାଆନ୍ତି।

ମୃତ୍ୟୁ ତିଥିରେ ପରାଗତ ଆତ୍ମାମାନେ ପିଣ୍ଡପାଇଁ ଅପେକ୍ଷା କରିଥାଆନ୍ତି। ଯଦି ସେଦିନ ଉପଯୁକ୍ତ ସମୟରେ ସେମାନଙ୍କୁ ଶ୍ରାଦ୍ଧ ଦିଆନଗଲା, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଏବେ ପ୍ରଶ୍ନ: ସେ ପିଣ୍ଡରେ କ'ଣ ବଢ଼ାଯାଏ? ସାଧାରଣ ପିଣ୍ଡରେ ମହାପ୍ରସାଦ ପାକନ୍ନ ଅଥବା ଅମାନ୍ନ କିମ୍ବା ଜୀବିତାବସ୍ଥାରେ ତା'ର ଯାହା ମୁଖ୍ୟଖାଦ୍ୟ ଥିଲା। ଏସବୁର ଅଭାବରେ, ବ୍ୟତିକ୍ରମରେ ଅଥବା ପୁରୋହିତଙ୍କ ମତେ ତଣ୍ଡୁଳ, ନାରୀକେଳ, କଦଳୀ ବା ଦହି ଇତ୍ୟାଦିର ଚକଟା କିମ୍ବା ସେହିକ୍ରମେ ଦଳା ଅଟା ଦିଆଯାଇପାରେ ।


ଏବେ ପ୍ରଶ୍ନ: ଶ୍ରାଦ୍ଧ ଦେବାରେ ପ୍ରକୃତ ସ୍ଥାନ କିଏ? ଏହା ନିଶ୍ଚିତ ସତ୍ୟ ଯେ ପ୍ରଥମ ସ୍ଥାନ ହେଉଛି ଜନ୍ମସ୍ଥାନ ମୃତ୍ୟୁବଳର ତା'ର ବାସସ୍ଥାନ ବିଚାରକୁ ନିଆଯାଇପାରେ। ଦ୍ୱିତୀୟତଃ ଏହା ନଦୀତଟ, ପୁଷ୍କରିଣୀ ବା ସମୁଦ୍ରକୂଳ ହୋଇପାରେ। ତୃତୀୟତଃ ଏହା କୌଣସି ତୁଳସୀ ମୂଳେ ହୋଇପାରେ। ଅର୍ଥାତ୍ ଯେଉଁ ଜଳକୁ ତୀର୍ଥ ଜଳ ରୂପେ ଗ୍ରହଣ କରାଯାଇପାରେ। ସେହି ସ୍ଥାନରେ ଶ୍ରାଦ୍ଧ ତର୍ପଣ କରିବା ବିଧେୟ। ପିତୃତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଇପାରେ। କିନ୍ତୁ କୌଣସି ଅଦିନରେ ତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଏ ନାହିଁ। ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଗ୍ରହଣୀୟ ତୀର୍ଥସ୍ଥାନ ଅଛି ଯେଉଁଠି ଯେ କୌଣସି ଶ୍ରାଦ୍ଧ, ଯେ କୌଣସି ଦିନ ତିଥିବାର ନକ୍ଷତ୍ର ବିନା କରାଯାଇପାରେ। ଯାହା ମଧରେ କାଶୀ ବା ଗୟା, ତ୍ରିବେଣୀ ଘାଟ ଇତ୍ୟାଦି ବିଚାରକୁ ନିଆଯାଇପାରେ। ମହାଳୟ ଶ୍ରାଦ୍ଧ ବା ପିତୃପକ୍ଷ ଶ୍ରାଦ୍ଧ ଘରେ ବା ବାହାରେ ଯେ କୌଣସି ସ୍ଥାନରେ କରଯାଇପାରେ। ମହାଳୟା ଶ୍ରାଦ୍ଧ ହିଁ କେବଳ ତର୍ପଣ ଶ୍ରାଦ୍ଧ। ଏହା କେବଳ ଆଶ୍ୱିନକୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ଯାଏ ଚାଲେ। ଏହି ଶ୍ରାଦ୍ଧମାଧ୍ୟମରେ ଆମେ ପିତୃପିରୁଷଙ୍କୁ ଏ ମୃତ୍ୟୁଲୋକୁ ଆହ୍ୱାନ କରୁ ଏବଂ ଏହାର ଠିକ୍ ମାସକ ପରେ କାର୍ତ୍ତିକ ଅମାବାସ୍ୟା ଦିପାବଳୀ ପିମ୍ପେଇ ଅମାବାସ୍ୟା ଅବସରେ ଦୀପଜଳାଇ ବିଦାୟ ଦେଇ କହୁ: ବଡ଼ବଡ଼ିଆ ହେ ସ୍ୱର୍ଗେ ଯା.... ଏହା ପୁଣି ଏକ ଶ୍ରାଦ୍ଧ ମାଧ୍ୟମରେ ଯାହାକୁ ଆମେ କହୁ ପୟାଶ୍ରାଦ୍ଧ।

ଶ୍ରାଦ୍ଧ ଦେବା କାର୍ଯ୍ୟଟି ସାଧାରଣତଃ ଜ୍ୟେଷ୍ଠ ପୁତ୍ର ଦ୍ୱାରା ସମାହିତ ହୋଇଥାଏ। ତାଙ୍କ ଅନ୍ତେ ତାଙ୍କ ପରବର୍ତ୍ତୀ ଭାଇ ଅଥବା ଶାସ୍ତ୍ର ସ୍ୱୀକୃତି ପ୍ରାପ୍ତ ଆଉ କେହି ଦେଇଥାଆନ୍ତି। ତେବେ ତାଙ୍କ ସହଧର୍ମଣୀ ସହଯୋଗ କରିବା ଶାସ୍ତ୍ର ସମ୍ମତ। ଏମିତିକି ସ୍ୱାମୀଙ୍କ ଅନୁପସ୍ଥିତିରେ ପିଣ୍ଡଦାନର ପ୍ରମାଣ ଅଛି ଯଥା - ସୀତା। ବାଇଶି ପାହାଚ ପିଣ୍ଡଦାନ ସ୍ଥାନ ଦୃଷ୍ଟିରୁ ଏକ ଠିକ୍ ସ୍ଥାନ ନୁହେଁ। ତେବେ କାହିଁକି ବା କେବଠୁ ଏଠାରେ ପିଣ୍ଡଦାନ ହୋଇ ଆସୁଛି ଏହାହିଁ ବିଚାର୍ଯ୍ୟ। କିମ୍ବଦନ୍ତୀ ଅନୁସାରେ ରାଜା ଦର୍ପନାରାୟଣ ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟହ ଦର୍ଶନ କରିବା ସହିତ ପିତୃପୁରୁଷଙ୍କୁ ଏଇଠି ଶ୍ରାଦ୍ଧ ଦେଉଥିଲେ। ଶ୍ରୀ ଜଗନ୍ନାଥ ତାଙ୍କର ଏପରି କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ବ୍ରାହ୍ମଣ ବେଶରେ ଦେଖାଦେଇ ଆଶୀର୍ବାଦ ଦେଇଥିଲେ। ସେବେଠୁ ତାହାଙ୍କୁ ଅନୁକରଣ କରି ଏଠାରେ ଅନ୍ୟମାନେ ପିତୃପୁରୁଷଙ୍କ ଶ୍ରାଦ୍ଧ ବାଢ଼ନ୍ତି। ତେବେ ଏହା ସହିତ ମୁଖ୍ୟ କାରଣଟି ଏହି ଯେ ବାଇଶି ପାହାଚହିଁ ପିତୃପୁରୁଷଙ୍କ ଉପସ୍ଥିତିର ଏକ ମୁଖ୍ୟସ୍ଥାନ ଯେଉଁଠି ଶ୍ରାଦ୍ଧ ବାଢ଼ିଲେ ସେମାନେ ପାଇବେ। ଶ୍ରାଦ୍ଧ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ, ମହତ୍ତ୍ୱପୂର୍ଣ୍ଣ ଏବଂ ଶ୍ରେଷ୍ଠତମ ପବିତ୍ର ସ୍ଥାନ। ଏଇଠି ବିଦ୍ୟମାନ ପିତୃଲୋକ ସହ ସବୁଲୋକ ବାବା ଧାମ। ଏଠି ସର୍ବ ଦେବାଦେବୀ ଉପସ୍ଥିତ। ଏଇଠି ରହିଛି ପିଣ୍ଡଦାନକୁ ଶ୍ରେଷ୍ଠ ଦେୟ ମହାପ୍ରସାଦ, ଗଙ୍ଗାଧାରର ଶ୍ରେଷ୍ଠଜଳ ଶ୍ରୀ କାଶୀ ବିଶ୍ୱନାଥ ଏବଂ ଚରଣାମୃତ, ଏଇଠି ହୁଏ ପୟାଶ୍ରାଦ୍ଧ ଓ ମାର୍ଗଶୀର ମାସର ଅମାବାସ୍ୟା ଶ୍ରାଦ୍ଧ ଯାହା ସବୁ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ପୁରୀ ହିଁ ତୀର୍ଥରାଜ। ଏହାର ପୁଷ୍କରିଣୀ, ସମୁଦ୍ର ଓ ବାଇଶି ପାବଛ ସମସ୍ତେ ତୀର୍ଥ କ୍ଷେତ୍ର। ଏହି କାରଣରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ପ୍ରଥମେ ସମୁଦ୍ର ବା ପୁଷ୍କରିଣୀରେ ବୁଡ଼ ବା ସ୍ନାନସାରି ବାଇଶି ପାହାଚରେ ପକାନ୍ତି ଶ୍ରାଦ୍ଧ। ତା'ପରେ କରନ୍ତି ଶ୍ରୀ ଜୀଉମାନଙ୍କ ଦର୍ଶନ। ପିତୃପକ୍ଷରେ ପିତୃପୁରୁଷଗଣ ବାଇଶି ପାହାଚରେ ଉପସ୍ଥିତି ଥିବାରୁ ସେହିଦିନଗୁଡ଼ିକରେ ଏଠି ଶ୍ରାଦ୍ଧଦେବା ସବୁଠୁ ଉତ୍ତମ। ବିଶେଷକରି ମହାଳୟା ଦିବସ ସବୁଠୁ ସର୍ବୋତ୍ତମ।

ଶ୍ରାଦ୍ଧ ପରେ ବ୍ରାହ୍ମଣ, ଦୁଃଖୀ ବା ରଙ୍କିଙ୍କୁ ଭୋଜନ ଦାନ ଓ ଦକ୍ଷିଣା ନିଶ୍ଚିତ। ବିଶ୍ୱାସ ଯେ ଯେମନ୍ତ ଦେଇ, ତେମନ୍ତ ପାଇ। ଆମେ ମହାଭାରତରୁ ଜାଣିଛେ ଯେ କର୍ଣ୍ଣଥିଲେ ମହାଦାନୀ। ସେ ପ୍ରତ୍ୟହ ଗରିବ ବା ଅଭାବୀଙ୍କୁ ସ୍ୱର୍ଣ୍ଣ ଦାନ କରୁଥିଲେ। କିନ୍ତୁ ମୁଠାଏ ଅନ୍ନ କାହାକୁ ଦେଇ ନଥିଲେ। ଏଣୁ ଯେତେବେଳେ ତାଙ୍କର ସ୍ୱର୍ଗବାସ କଲା। ସେଠି ଆଉ ତାଙ୍କୁ କୁଢ଼ କୁଢ଼ ସୁବର୍ଣ୍ଣ ମିଳିଲା। ହେଲେ ମୁଠାଏ ଅନ୍ନ ନାହିଁ। ସେଥିପାଇଁ ସେ ୧୪ଦିନ ପାଇଁ ମର୍ତ୍ତ୍ୟଲୋକକୁ ଆସି ଅନ୍ନଦାନ କରି ଫେରିଲେ। ଏହାଥିଲା ଆଶ୍ୱିନ ପ୍ରତିପଦାଠାରୁ ଆଶ୍ୱିନ ଆମାବାସ୍ୟା ଯାଏଁ। କେହିକେହି ଏହାକୁ ସେହି କାରଣରୁ ପିତୃପକ୍ଷ କୁହନ୍ତି। ଏଥିରୁ ଆମେ ନିଶ୍ଚିତ ଯେ କର୍ଣ୍ଣଙ୍କ ମୃତ୍ୟୁ ପରଠୁ ପିତୃପକ୍ଷ ପାଳିତ ହେଉଅଛି।

ପିତା-ମାତା ପ୍ରତିଟି ବ୍ୟକ୍ତିପାଇଁ ସ୍ରଷ୍ଟା ଓ ସୃଷ୍ଟି କର୍ତ୍ତା ଏବଂ ସେମାନଙ୍କ ବିନା ଆମ କଳ୍ପନା ଏବଂ ଏ ପୃଥିବୀରେ ଆମ ସ୍ଥିତି ନିହାତି ଅସମ୍ଭବ ଅଟେ। ତାଙ୍କ ଜୀବଦଶାରେ ସେ ଆମ ଜୀଅନ୍ତା ଦିଅଁ ଯାହାଙ୍କ ସେବା, ଯତ୍ନ ଓ ନିଃସ୍ୱାର୍ଥପର ଦାନରେ ଆମେ ଏଠି ତିଷ୍ଠିଛେ। ମାତାତ ଜନ୍ମଦାତ୍ରୀ, ପାଳନକର୍ତ୍ତା, ସର୍ବସଂହା ଧରିତ୍ରୀ, କଲ୍ୟାଣମୟୀ, ମମତାମୟୀ, ଶୁଭ୍ରଦାୟିନୀ ମା', ସ୍ୱର୍ଗାଦପୀ ଗରିୟସୀ; ପିତାତ କରୁଣାର ଅବତାର, ବାକ୍ୟାତୀତ, ଭାଷାତୀତ, ଆକାଶଠାରୁ ମହାନ୍। ଆମେ ତାଙ୍କ ଋଣ ଶୁଝିବାରେ ନିହାତି ଅଧମ ଅକ୍ଷମ ଏବଂ ଅକିଞ୍ଚନ। ତଥାପି କିଛି କରିନପାରିଲେ ବି ତାଙ୍କ ପ୍ରତି ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କ'ଣ ଏତିକି ପାରିବାନାହିଁ? ତାଙ୍କ ଅନ୍ତେ ତାଙ୍କ ମୋକ୍ଷପାଇଁ କରିପାରିବା ନାହିଁ ଶ୍ରାଦ୍ଧ-ତର୍ପଣ? ତାଙ୍କ ତୃପ୍ତିରେ ବାଢ଼ିପାରିବା ନାହିଁ ମୁଠାଏ ପିଣ୍ଡ?? ବୋଧହୁଏ ଏତିକି କଲେ ଦେବତାମାନେ ଆମଠି ଖୁସି ହୋଇପାରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି :

*"ଜନନୀ ଜନ୍ମ ଭୂମିଶ୍ଚ, ସ୍ୱର୍ଗାଦପୀ ଗରିୟସୀ...*
*ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମତପଃ*
*ପିତରି ପ୍ରୀତିମାର୍ଣ୍ଣେ ପ୍ରିୟନ୍ତେ ସର୍ବଦେବତା॥"*




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଲମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦଘାଟିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରଥିବା ବେଳେ ବର୍ଷଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ । ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି । ଚିତ୍ରଗୁଡ଼ିକ ବର୍ଷଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଘିଂବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା । ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ । ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ତାଞ୍ଜଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ତାଞ୍ଜଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି । ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି । ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି । ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି । ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି । ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ । ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ । ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି । ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ । ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି । ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି । ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି । ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି । ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି । ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି । ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ ।




## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର । ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ । ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର । ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି । ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ । ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି । ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ । ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ । କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ । ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ । ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ । ଏହ ପୋଲିସର ଦାୟିତ୍ୱ । ପୋଲିସ ଏହି ଘଟଣାର ତଦନ୍ତ କରିପାରିବ । ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ । ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି । ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ । ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ । ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ । କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି । ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି । କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ । ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା । କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ । କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ । ତଥାପି ଆମେ ଏ ନେଇ ଚିନ୍ତା କରୁଛୁ । ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି ।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ । କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ । କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା । ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ । ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା ।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମାଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ ।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା । ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା । କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ । ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ । ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ । ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବର୍ଗିଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prayan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

୨୬ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday February 02, 2024 ଭୁବନେଶ୍ୱର ଶୁକ୍ରବାର, ଫେବୃଆରୀ ୦୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସାଟେଲାଇଟ୍ ସର୍ଭେ ବିଭ୍ରାଟ, ଚାଷୀଙ୍କ ବଦଳରେ କିଏ ବିକୁଛି ଧାନ ?

ଧର୍ମଶାଳା, (ପିଏନ୍): ସାଟେଲାଇଟ୍ ସର୍ଭେ ବିଭ୍ରାଟ ଯୋଗୁ ଚଳିତବର୍ଷ ଧର୍ମଶାଳା ବ୍ଲକ୍‌ର ଅନେକ ଚାଷୀ ଧାନ ବିକ୍ରି କରିବାରୁ ବଂଚିତ ହୋଇଛନ୍ତି । ତେବେ ମିଲର କାହାଠାରୁ ଧାନ କିଣୁଛି ବୋଲି ପ୍ରଶ୍ନ ଉଠାଇଛନ୍ତି ଚାଷୀ । ମଣ୍ଡିରୁ ଯେତିକି ଧାନ କିଣାଯାଇଛି ତା'ଠାରୁ ଅଧିକ ପରିମାଣର ଧାନମିଲ୍‌ରେ ଗଛିତ ଥିବା ଦେଖିବାକୁ ମିଳିଛି । ଏସବୁ ଅଧିକ ଧାନ ମିଲ୍‌କୁ କେଉଁଠୁ ଆସିଲା, ଏହାର ହିସାବ ମାଗିଛନ୍ତି ଚାଷୀ । ଏପଟେ ଗତବର୍ଷ ତୁଳନାରେ ବହୁ କମ୍ ପରିମାଣର ଧାନ କିଣିବାପାଇଁ ଚାଷୀମାନଙ୍କୁ ଦିଆଯାଇଥିବା ଟୋକନରେ ସୂଚନା ଦିଆଯାଇଛି । ଫଳରେ କେତେକ ଚାଷୀ ସେମାନଙ୍କ ବଳକା ଧାନକୁ କାହାକୁ ବିକ୍ରି କରିବେ ବୋଲି ଏବେ ଦ୍ୱନ୍ଦରେ । ସୂଚନା ଅନୁସାରେ, ଧର୍ମଶାଳା ବ୍ଲକରେ ଥିବା ୧୩ଟି କୃଷି ସମବାୟ ସମିତି(ପାକ୍ସ) ମଧ୍ୟରୁ ୧୧ଟି ଓ ୩ଟି ଏସ୍‌ଏଚ୍‌ଜି ଖୋଲିଥିବା ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ମିର୍ଜାପୁର ଓ କୋଟପୁର ପାକ୍ସରେ ଆଦୌଁ ମଣ୍ଡି ଖୋଲି ନାହିଁ । ମିଲରମାନଙ୍କ ଅସହଯୋଗ ଓ ବିଭାଗୀୟ ଅବହେଳାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନକିଣା ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବନାହିଁ ବୋଲି କୁହାଯାଇଛି । ଚଳିତବର୍ଷ ଧର୍ମଶାଳା ବ୍ଲକ୍‌ର ୪୫ଟି ପଞ୍ଚାୟତର ୩୭୭୪ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ସେମାନଙ୍କ ନାମ ଅନ୍‌ଲାଇନ୍‌ରେ ପଞ୍ଜିକୃତ କରିଥିଲେ । ଏମାନଙ୍କ ଠାରୁ ମୋଟ ୭୨ହଜାର ୫୦୦କ୍ୱିଣ୍ଟାଲ ଧାନ କିଣିବାକୁ ସମବାୟ ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା । ୩ସପ୍ତାହ ହେଲା ଧାନମଣ୍ଡି ଖୋଲିଗଲାଣି । ହେଲେ ଗତ ୨୩ତାରିଖ ସୁଦ୍ଧା ୫୪୩ଜଣ ଚାଷୀଙ୍କଠାରୁ ମାତ୍ର ୩୦ହଜାର ୧୨୨.୮୧କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଧାନ ବିକ୍ରି କରିବାପାଇଁ ଅନ୍‌ଲାଇନ୍‌ରେ ନାମ ପଞ୍ଜିକୃତ କରିଥିବା ଅଭୟପୁର ସମିତିର ୪୪୭ଜଣଙ୍କ ଚାଷୀଙ୍କ ଠାରୁ ୧୧ହଜାର କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଆଜିସୁଦ୍ଧା ୬୪ଜଣଙ୍କ ଠାରୁ ୩୫୫୪.୨୨କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ସେହିପରି ମହିସରାର ୨୦୬ଜଣଙ୍କ ଠାରୁ ୫୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୨୩ଜଣଙ୍କ ଠାରୁ ୯୪୮.୯୩କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । କଣ୍ଟିଗଡ଼ିଆର ୩୨୮ଜଣଙ୍କ ଠାରୁ ୭୫୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୪୪ଜଣଙ୍କ ଠାରୁ ୯୪୪୦.୭୪କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଆରୁହାର ୩୪୭ଜଣଙ୍କ ଠାରୁ ୮୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୭୬ଜଣଙ୍କ ଠାରୁ ୨୩୨୮.୪୪କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ରେଖିଦେଇପୁରର ୨୨୮ଜଣଙ୍କ ଠାରୁ ୪୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୫୨ଜଣଙ୍କ ଠାରୁ ୧୬୦୯.୧୯କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ଜେନାପୁରର ୨୦୪ଜଣଙ୍କ ଠାରୁ ୪୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୧୧ଜଣଙ୍କ ଠାରୁ ୪୨୮.୬୩କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ମିର୍ଜାପୁରର ୯୯ଜଣଙ୍କ ଠାରୁ ୧୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଏପର୍ଯ୍ୟନ୍ତ ଏଠାରେ କାହାଠାରୁ ଧାନ ସଂଗ୍ରହ କରାଯାଇନାହିଁ । ଚୋରମୁହାଁର ୩୦୫ଜଣଙ୍କ ଠାରୁ ୭୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୪୩ଜଣଙ୍କ ଠାରୁ ୧୮୪୩.୮୪କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଅରେଇକଣାର ୨୬୨ଜଣଙ୍କ ଠାରୁ ୩୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୨୨ଜଣଙ୍କ ଠାରୁ ୬୪୬.୭୧କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଦେଓଦାର ୧୮୩ଜଣଙ୍କ ଠାରୁ ୫୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୫ଜଣଙ୍କ ଠାରୁ ୮୨.୦୩କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । କୋଟପୁରର ୨୫୧ଜଣଙ୍କ ଠାରୁ ୧୫୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଏପର୍ଯ୍ୟ' ଏଠାରେ କାହାଠାରୁ ଧାନ ସଂଗ୍ରହ କରାଯାଇନାହିଁ । ମଧୁପୁରଗଡ଼ର ୨୧୫ଜଣଙ୍କ ଠାରୁ ୪୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୩୨ଜଣଙ୍କ ଠାରୁ ୧୦୦୬.୬୮କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ମଧୁସୂଦନପୁରର ୧୭୬ଜଣ ଚାଷୀଙ୍କ ଠାରୁ ୩୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୨୯ଜଣଙ୍କ ଠାରୁ ୪୬୧.୭୫କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ରେଖିଦେଇପୁରର ଗ୍ରାମପଂଚାୟତ ଏସ୍‌ଏଚ୍‌ଜି ଅଧୀନ ୩୩୯ଜଣଙ୍କ ଠାରୁ ୮୦୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୧୦୦ଜଣଙ୍କ ଠାରୁ ୫୦୮୨.୭୫କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ମହିସରାର ମା'ଦୁର୍ଗା ଏସ୍‌ଏଚ୍‌ଜି ଅଧୀନ ୧୧୩ଜଣଙ୍କ ଠାରୁ ୨୫୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୩୪ଜଣଙ୍କ ଠାରୁ ୧୦୬୭.୦୬କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ପୁରୁଣାବଉଳମାଳର ମା' ଧେଉଳାଇ ଏସ୍‌ଏଚ୍‌ଜି ଅଧୀନ ୭୧ଜଣଙ୍କ ଠାରୁ ୨୫୦୦ କ୍ୱିଣ୍ଟାଲ ଧାନ କିଣିବାପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ୩୮ଜଣଙ୍କ ଠାରୁ ୧୬୨୧.୮୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ତେବେ ଧାନ ଅମଳ ସମୟରେ ମଣ୍ଡି ଖୋଲା ଯାଉନାହିଁ । ଏହାର ସୁଯୋଗରେ ବେପାରୀ ଚାଷୀଙ୍କଠାରୁ ଶସ୍ତାରେ ଧାନ କିଣି ନେଉଛି । ଧାନ କ୍ୱିଣ୍ଟାଲ ପିଛା ସରକାରୀ ଦର ୨୧୮୩ ଟଙ୍କା ହୋଇଥିବା ବେଳେ ବେପାରୀ ୧୬୦୦ ଟଙ୍କାରେ କିଣି ନେଉଛି । ଏଥିରେ ଚାଷୀ କ୍ୱିଣ୍ଟାଲ ପିଛା ୫୮୩ ଟଙ୍କା କ୍ଷତି ସହୁଥିବା ବେଳେ ବେପାରୀ ମାଲାମାଲ ହେଉଛି । ମଣ୍ଡି ଖୋଲିବାରେ ବିଳମ୍ବ ହେବା, ଅମଳ ଠାରୁ କମ୍ ପରିମାଣର ସଂଗ୍ରହ, କଟ୍‌ନିଛଟ୍‌ନି, ଅଖା ପଇସା ନମିଳିବା ଓ ବିକ୍ରିଅର୍ଥ ମିଳିବାରେ ବିଳମ୍ବ ଆଦି କାରଣକୁ ନେଇ ଚାଷୀଙ୍କ ମଧ୍ୟରେ ଅସେଂାଷ ପ୍ରକାଶ ପାଇଛି । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## କଂଗ୍ରେସରେ ମିଶିଲେ ବିଜେଡ଼ି ନେତା ଓ କର୍ମୀ



ଭୁବନେଶ୍ୱର,(ପି.ଏନ) : କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ପୁରୀ ଜିଲ୍ଲା ବ୍ରହ୍ମଗିରି ଅଂଚଳର ଓଡ଼ିଶା ଖଦିବୋର୍ଡ଼ ଓ କାଜୁବୋର୍ଡ଼ର ପୂର୍ବତନ ଅଧକ୍ଷ ତଥା ପୁରୀ ଜିଲ୍ଲା ପ୍ରାକୃତି ବିପର୍ଯ୍ୟୟ କମିଟିର ଆବାହାକ ଶ୍ରୀ ବିହାରୀ ବନ୍ଧୁ ପଲାଇଙ୍କ ନେତୃତ୍ୱରେ ଶତାଧିକ ବିଜେଡ଼ି ନେତା ଓ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ଏହି ଉପଲକ୍ଷେ ଆଜି କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ସମସ୍ତ ନେତା ଓ କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ । ସେମାନଙ୍କ କଂଗ୍ରେସ ଯୋଗଦାନ ବ୍ରହ୍ମଗିରି ଅଂଚଳରେ କଂଗ୍ରେସ ଦଳକୁ ମଜଭୁଜ କରିବ ବୋଲି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ । କଂଗ୍ରେସ ଦଳର ନୀତି ଓ ଆଦର୍ଶ ଯୋଗୁଁ ସେମାନେ କଂଗ୍ରେସ ଦଳରେ ଯୋଗ ଦେଲେ ବୋଲି ଯୋଗଦାନ କରିଥିବା ଉପରୋକ୍ତ ନେତୃବୃନ୍ଦମାନେ ନିଜ ପ୍ରତିକ୍ରିୟାରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ତରୁକା' ମିଶ୍ର, ବାଙ୍କନିଧି ବେହେରା, ହଳଧର ସେଠୀ, ମିହିର ଆଚାର୍ଯ୍ୟ ଓ ଦେବେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ପଲାଇଙ୍କ ବ୍ୟତିତ କଂଗ୍ରେସରେ ଯୋଗ ଦେଇଥିବା ଅନ୍ୟ ନେତାମାନେ ହେଲେ ସର୍ବଶ୍ରୀ ଦେବରାଜ ବଳିଆର ସିଂହ, ରଘୁନାଥ ସାହୁ, ରବିନ୍ଦ୍ର ପ୍ରଧାନ, ସଂଜୟ ପ୍ରଧାନ, ଜାହାଁଗିରି ଉଦିନ୍, ସୁରଜ ମହାପାତ୍ର, ସବିତା ଜେନା, ରମାମଣି ଜେନା, କୁମାରୀ ଜେନା, ହାରାମଣି ସ୍ୱାଇଁ, ସାବିତ୍ରି ସାହୁ, ସୁଲୋଚନା ଭୋଇ, ବଂଶିଧର ସ୍ୱାଇଁ, ବେଲ ପ୍ରଧାନ, ଦିନବନ୍ଧୁ ପ୍ରଧାନ, ପ୍ରତାପ ନାୟକ, ପୁର୍ଣ୍ଣଚନ୍ଦ୍ର ପଣ୍ଡା, ବିମ୍ବାଧର ବରାଳ ପ୍ରମୁଖ ବହୁ ନେତୃବୃନ୍ଧ ଯୋଗ ଦେଇଥିଲେ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

## MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act


## ଇଫକୋ ପରିସରରେ ଆମୋନିଆ ଦୁର୍ଘଟଣା ଜନିତ ପୂର୍ଣ୍ଣାଙ୍ଗ ଅଭ୍ୟାସ କୌଶଳ ଅନୁଷ୍ଠିତ




ପାରାଦୀପ,(ପି.ଏନ): ପାରାଦୀପ ଇଫକୋ ସାରକାରଖାନା ପରିସରରେ ଆମୋନିଆ ଗ୍ୟାସ ଲିକେଜ ଓ ଦୁର୍ଘଟଣା ଜନିତ ଏକ ପୂର୍ଣ୍ଣାଙ୍ଗ ଅଭ୍ୟାସ କୌଶଳ ବା ମକ ଡ୍ରିଲ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି କ୍ଷ ଜାହାଜରୁ ପାଇପ ଲାଇନ ଯୋଗେ ଆସୁଥିବା ତରଳ ଆମୋନିଆ ଏବଂ କାରଖାନା ର ପାଇପ ଲାଇନ ରେ ଛିଦ୍ର ବା ଲିକେଜ ଜନିତ ଦୁର୍ଘଟଣା ର ସମ୍ଭାବ୍ୟ ମୁକାବିଲା ନିମନ୍ତେ ନିୟମିତ ବ୍ୟବଧାନ ରେ ଅଭ୍ୟାସ କୌଶଳ ବା ମକ ଡ୍ରିଲ ଆୟୋଜିତ ହୋଇଥାଏ କ୍ଷ ଏହି ପରିପ୍ରେକ୍ଷୀରେ ଇଫକୋ କାରଖାନା ପରିସରରେ ଆମୋନିଆ ଗଛିତ ଅଞ୍ଚଳରେ ଆୟୋଜିତ ପ୍ରତିଷେଧାତ୍ମକ ଅଭ୍ୟାସ କୌଶଳରେ ଦୁର୍ଘଟଣା ସମୟରେ ସତର୍କତା ପାଇଁ କିପରି ସାଇରନ ବାଜିଲେ ଇଫକୋ ର ଅଗ୍ନି ଓ ସୁରକ୍ଷା ବିଭାଗ କିପରି ଘଟଣା ସ୍ଥଳରେ ପହଞ୍ଚି କାର୍ଯ୍ୟ କରୁଛନ୍ତି ତାହା ପ୍ରଦର୍ଶିତ ହୋଇଥିଲା କ୍ଷ ଆମୋନିଆ ନିର୍ଗତ ହେଉଥିବା ସମ୍ପର୍କରେ ସୂଚ଼ନା ପାଇବା ପରେ ମରାମତି ପାଇଁ କାରଖାନାର ମରାମତି ବିଭାଗ ର ମୁଖ୍ୟ ତଥା ବରିଷ୍ଠ ପ୍ରବନ୍ଧକ ଏସ. ମୁରଲୀକ୍ରୀଷ୍ଣା ଏବଂ ପିଏପି ର ଯୁଗ୍ମ ସାଧାରଣ ପ୍ରବନ୍ଧକ ଜି.କେ.ପାଲ ଘଟଣା ସ୍ଥଳରେ ସ୍ୱତନ୍ତ୍ର ଦଳ ସହ ପହଞ୍ଚି ତୁରନ୍ତ ମରାମତି କାର୍ଯ୍ୟ କରି ସ୍ଥିତି କୁ ନିୟନ୍ତ୍ରଣ ରେ ଆଣୁଛନ୍ତି ସେହି ଅଭ୍ୟାସ ପ୍ରଦର୍ଶିତ ହୋଇଥିଲା କ୍ଷ ଏହି ପୂର୍ଣ୍ଣାଙ୍ଗ ଅଭ୍ୟାସ କୌଶଳ କାର୍ଯ୍ୟକ୍ରମରେ ଫ୍ୟାକ୍ଟ୍ରି ଆଣ୍ଡ ବଏଲର ସହକାରୀ ନିର୍ଦ୍ଦେଶକ ସି.କେ.ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପୁଷ୍କରଚ଼ନ୍ଦ୍ର ବେହେରା, ପାରାଦୀପ ଇଫକୋ ର ନିର୍ଦ୍ଦେଶକ ତଥା ମୁଖ୍ୟ କେ.ଜେ. ପଟେଲ ଙ୍କ ସମେତ ଇଫକୋ ର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ତରଳ ଆମୋନିଆ ଲିକେଜ ଜନିତ ଦୁର୍ଘଟଣା ଓ ଏହାର ପ୍ରତିକାର ଏବଂ ସତର୍କତା ସମ୍ପର୍କିତ ଆଲୋଚ଼ନା ଚ଼କ୍ର ଅନୁଷ୍ଠିତ ହୋଇଥିଲା ।

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୮,୯୭୮ କୋଟି ଟଙ୍କାର ବିଦ୍ୟୁତ ପ୍ରକଳ୍ପର ଶୁଭାରମ୍ଭ କରିବେ




ଭୁବନେଶ୍ୱର,(ପି.ଏନ): ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ଫେବ୍ରୁଆରି ୩ରେ ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନ (୨୮୦୦ ମେଗାୱାଟ୍) ଏବଂ ଏନ୍‌ଏସପିସିଏଲ୍ ରାଉରକେଲା ପିପି-୨ ସମ୍ପ୍ରସାରଣ ପ୍ରକଳ୍ପ (୧୮୨୫୦ ମେଗାୱାଟ)କୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଏନଟିପିସି ତାଳଚେର ଥର୍ମାଲ ବିଦ୍ୟୁତ ପ୍ରକଳ୍ପ ଷ୍ଟେଜ୍-୩ (୨୬୬୦ ମେଗାୱାଟ୍)ର ଶିଳାନ୍ୟାସ କରିବେ । ଏହି ସମସ୍ତ ପ୍ରକଳ୍ପ ନିମନ୍ତେ ବିନିଯୋଗ ରାଶି ୨୮,୯୭୮ କୋଟି ଟଙ୍କା ରହିଛି ।ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ଦର୍ଲିପାଲି ଏସଟିପିପି ହେଉଛି ସୁପରକ୍ରିଟିକାଲ (ଅତ୍ୟନ୍ତ ଦକ୍ଷ) ଜ୍ଞାନକୌଶଳ ସମ୍ପନ୍ନ ଏକ ପିଟ୍‌ହେଡ୍ ପାୱାର ଷ୍ଟେସନ ଏବଂ ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଗୁଜରାଟ ଏବଂ ସିକିମ ଭଳି ରାଜ୍ୟଗୁଡ଼ିକୁ କମ୍ ମୂଲ୍ୟରେବିଜୁଳି ଯୋଗାଉଛି ।ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଏନଟିପିସି-ସେଲ୍ ପାୱାର କମ୍ପାନି ଲିମିଟେଡର ୨୫୦ ମେଗାୱାଟ୍ ପ୍ରକଳ୍ପ ପ୍ରତିଷ୍ଠାକରାଯାଇଛି ଯାହା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ କାରଖାନାକୁ ନିର୍ଭରଯୋଗ୍ୟ ଶକ୍ତି ପ୍ରଦାନ କରିବ ।ଏହାବ୍ୟତୀତ ଏନଟିପିସି ଓଡ଼ିଶାର ଅନୁଗୁଳ ଜିଲ୍ଲାର ପୁରୁଣା ଟିଟିପିଏସ୍ ପାଂଟ୍ ପରିସରରେ ତାଳଚେର ଥର୍ମାଲ ପାୱାର ପ୍ରୋଜେକ୍ଟ,ଷ୍ଟେଜ୍-୩ ନିର୍ମାଣ କରୁଛି, ଯାହାକୁ ଏନଟିପିସି ୧୯୯୫ ମସିହାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡଠାରୁ ଅଧିଗ୍ରହଣ କରିଥିଲା । ଦେଶପାଇଁ ୫୦ ବର୍ଷରୁ ଅଧିକ ସେବା ପ୍ରଦାନ କରିବା ପରେ ପୁରୁଣା ଟିଟିପିଏସ୍ କାରଖାନାକୁ ଅଚ଼ଳ କରି ଦିଆଯାଇଥିଲା ।ନିର୍ମାଣ ହେବାକୁ ଥିବା ଏହି ନୂତନ ପ୍ଲାଟ୍‌ରେ ଅତ୍ୟନ୍ତ ଦକ୍ଷ ଅଲଟ୍ରା ସୁପର କ୍ରିଟିକାଲ ଟେକ୍ନୋଲୋଜି ଆଧାରିତ ୟୁନିଟ୍ ଏବଂପ୍ଲାଟ୍ ? କ୍ଷମତା ପୁରୁଣା ଟିଟିପିଏସ୍ ପ୍ଲାଟ୍ କ୍ଷମତା ଠାରୁ ତିନି ଗୁଣ ଅଧିକ ରହିବ । ଏହି ପ୍ରକଳ୍ପର ୫୦% କ୍ଷମତା ଓଡ଼ିଶା ରାଜ୍ୟକୁସମର୍ପିତ ହୋଇଛି ବୋଲି ଆଜି ଏକ ସାମ୍ବାଦିକ ସମିଳନୀରେ regional executive director ସୁଦିପ ନାଗ ସୂଚ଼ନା ଦେଇଛନ୍ତି

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray